ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ମାର୍ଚ୍ଚ, ୨୦୨୧



**୨୭ରେ ନୟାଗଡ଼ ଓକିଲ ସଂଘ ନିର୍ବାଚନ**

ନୟାଗଡ଼ ଅଫିସ: ନୟାଗଡ଼ ଓକିଲ ସଂଘ ନିର୍ବାଚନ ଆସନ୍ତା ୨୭ରେ ଅନୁଷ୍ଠିତ ହେବ । ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ମାର୍ଚ୍ଚ ୬ରୁ ୮ ଯାଏ ନାମାଙ୍କନ ପତ୍ର ଦାଖଲ । ୯ରେ ପ୍ରାର୍ଥୀ ତାଲିକା ପ୍ରକାଶ । ୧୦ରେ ଯାଞ୍ଚ । ୧୧ରେ ନାମ ତାଲିକା ପ୍ରକାଶ । ୧୩ରେ ନାମାଙ୍କନପତ୍ର ପ୍ରତ୍ୟାହାର । ମାର୍ଚ୍ଚ ୧୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ମିଶ୍ର ନିର୍ବାଚନ ପରିଚାଳନା କରିବେ । ତାଙ୍କୁ ବରିଷ୍ଠ ଆଇନଜିବୀ ଶିବାଶିଷ ମହାନ୍ତି ଓ ବିଶ୍ୱଜିତ ଆଚାର୍ଯ୍ୟ ସହଯୋଗ କରିବେ ।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଗୋକର୍ଣ୍ଣିକ ସାହିତ୍ୟ ସମାଜର ୪୬ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ, କଳ୍ପତରୁ ଦାସ ଷ୍ଟାଡିୟମ, ଜାରକା, ପୂର୍ବାହ୍ନ ୧୦ ଘଟିକା।

**ଯାଜପୁର**

- ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଯାଜପୁର ଜିଲା ଗସ୍ତ ଓ କ୍ଷେତ୍ର ପରିଦର୍ଶନ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଭୁଲ୍ ଭାଷଣ ଯୋଗୁ ବ୍ଲକ୍ ଅଧ୍ୟକ୍ଷାଙ୍କୁ ସମାଲୋଚନା

ପଟ୍ଟାମୁଣ୍ଡାଇ,୬।୩(ସ୍ୱ.ପ୍ର.): ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ ତମ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ପୌରୋହିତ୍ୟ କରୁଥିଲେ ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା। ହେଲେ ବିଜୁ ଜୟନ୍ତୀକୁ ଶ୍ରାଦ୍ଧ ଦିବସ ପାଳିତ ହେଉଥିବା କହିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱର ୧ନଂ. ରାଷ୍ଟ୍ରପତି ବୋଲି କହିବାରୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଇଛି । ଏହି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଉପସ୍ଥିତ ଥିଲେ। ଏପରି ଭୁଲ ସଂକ୍ରାନ୍ତରେ ଅଧକ୍ଷାଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ ।

### ସୌଭାଗ୍ୟ ମହାନ୍ତି ଏବିଭିପିର ରାଜ୍ୟ ସମ୍ପାଦକ

ରାଜନଗର,୬।୩(ଡି.ଏନ.ଏ.): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାହାରଗଡ଼ଗ୍ରାମର ସୌଭାଗ୍ୟ ମହାନ୍ତି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ଅଧିବେଶନରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସୌଭାଗ୍ୟ ନିର୍ବାଚିତ ହୋଇଛନ୍ତି । ସେ ୨୦୧୬ରେ ନଗର ସମ୍ପାଦକ ଥିଲେ। ୨୦୧୭ରେ ବାଲେଶ୍ୱର ଜିଲା ନଗର ସଙ୍ଗଠନ ମନ୍ତ୍ରୀ ଓ ପରେ ବାଲେଶ୍ୱର ଜିଲା ସଙ୍ଗଠନ ମନ୍ତ୍ରୀ ଥିଲେ। ୨ଥର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ହେଲା ପରେ ଚଳିତ ବର୍ଷ ସେ ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।

### ସାହିତ୍ୟ ସଂସଦର ବସନ୍ତ ଆସର

ପାରାଦୀପ,୬।୩(ସ୍ୱ.ପ୍ର.): ସ୍ଥାନୀୟ ମଧୁବନସ୍ଥିତ ସାକ୍ଷରତା ସମିତି ପରିସରରେ ମୈନାକ ସାହିତ୍ୟ ସଂସଦର ବସନ୍ତ ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କବିୟିତ୍ରୀ, କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସନ୍ତୋଷ ସାମଲ, ବାବୁରାମ ଚୌଧୁରୀ, ଅଶୋକ ମହାପାତ୍ର, ତୁଳସୀ ବରାଳ,ଗୀତା ଦାସ ଓ ନଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ୧୪୫୦ ଲିଟର ଅପମିଶ୍ରିତ ଡିଜେଲ ଜବତ

ରାଜନଗର,୬।୩(ଡି.ଏନ.ଏ.):ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ଗିରିଆପାହିଗାଁରୁ ୧୪୫୦ ଲିଟର ଅପମିଶ୍ରିତ ଡିଜେଲ ଜବତ ହୋଇଛି। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ପୋଲିସକୁ ଦେଖି ଗିରିଆପାହିଗାଁର ଏକ ଦୋକାନରୁ ଲୋକମାନେ ଦୌଡି ପଳାଇ ଯାଇଥିଲେ । ଏହା ଦେଖି ପୋଲିସ ସେହି ଦୋକାନରେ ଯାଞ୍ଚ କରିଥିଲା । ସେଠାରୁ ୨୯ଟି ଜାରରେ ଡିଜେଲ ଥିବା ଜଣାପଡିଥିଲା । ପୋଲିସଠାରୁ ସୂଚନା ପାଇ ରାଜନଗର ଯୋଗାଣ ଅଧିକାରୀ ସେହି ଡିଜେଲ ଜବତ କରିଛନ୍ତି । ପୋଲିସ ଓ ଯୋଗାଣ ବିଭାଗର ସୂଚନା ଅନୁଯାୟୀ ଜବତ ଡିଜେଲ ଅପମିଶ୍ରିତ । ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଘର ତାଲା ଭାଙ୍ଗି ଚୋରି

ବାଲିକୁଦା,୬।୩(ସ୍ୱ.ପ୍ର): ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ପାଣିତିରା ଗାଁର ରୁଦ୍ର ମହାନ୍ତିଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି, ଆଲମିରା ତାଡ଼ି କିଛି ଟଙ୍କା, ସୁନା ଅଳଙ୍କାର ସମେତ ପିତ୍ତଳ ବାସନ ଚୋରି କରି ନେଇଛନ୍ତି। ଏନେଇ ରୁଦ୍ର ଅନନ୍ତପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପରିବାର ଲୋକେ ପାରାଦୀପରେ ରହୁଥିବା ବେଳେ ଘରେ ସବୁବେଳେ ତାଲା ପଡ଼ିଥାଏ। ଶୁକ୍ରବାର ସେ ଘରକୁ ଯାଇଥିବାବେଳେ ତାଲା ଭଙ୍ଗାଯାଇଥିବା ଦେଖିଥିଲେ।

# ଦଶପଲ୍ଲାରେ ବି ନକଲି ଶ୍ରମିକ କାର୍ଡ

**ନୟାଗଡ଼ ଅଫିସ,୬।୩**

- କୋଭିଡ୍ ସହାୟତା ନ ମିଳିବାରୁ ଫିଟିଲା ଗୁମର
- ଖୋର୍ଦ୍ଧା ଜିଲାର କାର୍ଡ ନୟାଗଡ଼ରେ
- କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦଲାଲ ସକ୍ରିୟ
- ଜିଲାପାଳଙ୍କୁ ଫେରାଦ ହେଲେ ଲୋକ ପ୍ରତିନିଧି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ ଏକତାଳ ଗାଁ ପରେ ଆଦିବାସୀ ଦଳିତବହୁଳ ଦଶପଲ୍ଲା ବ୍ଲକର ହନୁମନ୍ତ, ଗୋଛା, କଳସଖମଣ, ନୂଆଗାଁରେ ନକଲି ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରାଯାଇଛି। କୋଭିଡ୍ ସହାୟତା ରାଶି ୧୫୦୦ ଟଙ୍କା ନ ମିଳିବା ପରେ ଏ ନକଲି କାର୍ଡର ଗୁମର ପଦାକୁ ଆସିଛି । ବଣ୍ଟନ ହୋଇଥିବା କାର୍ଡ ଖୋର୍ଦ୍ଧା ଜିଲାର ବୋଲି ଜଣାପଡ଼ିଛି। ଜାଲିଆତି କରାଯାଇ ସେହି କାର୍ଡକୁ ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକ ଅଞ୍ଚଳର ଶ୍ରମିକମାନଙ୍କୁ ବଣ୍ଟନ କରାଯାଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ଦଲାଲ ଏପରି ନକଲି କାର୍ଡ ବାଣ୍ଟି ବହୁ ପରିମାଣର ଟଙ୍କା ରୋଜଗାର କରୁଛନ୍ତି । ଏଥିଯୋଗୁ ଆଦିବାସୀ ଦଳିତ ଶ୍ରମିକମାନେ ଠକାମିର ଶିକାର ହେଉଛନ୍ତି । ଏନେଇ ଦଶପଲ୍ଲା ବ୍ଲକ ଅଞ୍ଚଳର ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଚନ୍ଦ୍ର ଦଳବେହେରା ଜିଲାପାଳଙ୍କୁ ଫେରାଦ୍ ହୋଇ ଏପରି ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି ।

ଏ ସଂକ୍ରାନ୍ତରେ ଗୋଛା, କଳସଖମଣ, ନୂଆଗାଁର କେତେଜଣ ନିର୍ମାଣ ଶ୍ରମିକ ନିଜର ନାମ ଗୋପନ ରଖି କହିଛନ୍ତି, ଆମ ଅଞ୍ଚଳର ଅନ୍ତର୍ଯ୍ୟାମୀ ଦାସ ନାମକ ଜଣେ ବ୍ୟକ୍ତି ଶ୍ରମିକ କାର୍ଡ କରାଇ ଦେବ କହି ୭୦୦ ରୁ ୧୦୦୦ ଟଙ୍କା ନେଇଥିଲେ। ପରେ କାର୍ଡ ଆଣି ଦେଇଥିଲେ । ସରକାରୀ ସହାୟତା ମିଳିବ ବୋଲି ଆମକୁ ଆଶ୍ୱାସନା ଦିଆଯାଇଥିଲା । ହେଲେ ଟଙ୍କାଟିଏ ବି ସରକାରୀ ସହାୟତା ମିଳିଲା ନାହିଁ । ନିର୍ମାଣ ଶ୍ରମିକ କାର୍ଡ ପାଇଥିବା ଆମ ଅଞ୍ଚଳର କେତେଜଣ ଲୋକ ୧୫୦୦ଟଙ୍କା ଲେଖାଏଁ କୋଭିଡ୍ ସହାୟତା ପାଇଲେ, ହେଲେ ଆମ୍ଭେମାନେ ପାଇଲୁ ନାହୁଁ । ବୁଝାବୁଝି ପରେ ଜଣାପଡିଲା ଆମକୁ ଖୋର୍ଦ୍ଧାର ନକଲି କାର୍ଡ ଦେଇ ଠକି ଦିଆଯାଇଛି । ଏଭଳି ସ୍ଥଳେ ଆମ ପାଇଁ ଜିଲା ପ୍ରଶାସନ କିଛି କରୁନାହିଁ। ଆମେ କିପରି ଚଳିବୁ ସେନେଇ ଚିନ୍ତାରେ ପଡ଼ିଛୁ । ଏହାର ତଦନ୍ତ କରି ଆମକୁ ନ୍ୟାୟ ଦିଆଯାଉ ବୋଲି ସେମାନେ ଅନୁରୋଧ କରିଛନ୍ତି ।

ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଚନ୍ଦ୍ର ଦଳବେହେରା କୁହନ୍ତି, ଦଶପଲ୍ଲା ଅଞ୍ଚଳର ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ ପାଇଁ ଯାଞ୍ଚ ୨୦୧୭ ଜୁଲାଇ ୧୮ରେ ହୋଇଥିଲା । ସେହି ମାସ ୨୫ ତାରିଖରେ କାର୍ଡ ବଣ୍ଟନ ପାଇଁ ୬୦ ହଜାର ଟଙ୍କା ବ୍ୟୟରେ ଦଶପଲ୍ଲା ବ୍ଲକ ପରିସରରେ କ୍ୟାମ୍ପ କରାଯାଇଥିଲା । ମାତ୍ର କେହି ହେଲେ ନିର୍ମାଣ ଶ୍ରମିକ କାର୍ଡ ପାଇ ନ ଥିଲେ । ୨୦୧୭ରୁ ନୟାଗଡ ଜିଲାରେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଦିଆଯାଉ ନାହିଁ । ସେଥିପାଇଁ ଦଶପଲ୍ଲା ଅଞ୍ଚଳର ନିର୍ମାଣ ଶ୍ରମିକ ଠକେଇର ଶିକାର ହୋଇ ଚାଲିଛନ୍ତି । ଏହାର ଫାଇଦା ନେଇଛନ୍ତି ଦଲାଲ । ହନୁମନ୍ତର ଶିବାଜୀ ନାୟକ, ହୃଷୀକେଶ ମହାକୁଡ଼, ଯୁଗଳ ସାହୁ, ବିକ୍ରମ ମହାକୁଡ଼, ଛାୟା ନାୟକଙ୍କ ପରି ଗରିବ ଶ୍ରମିକମାନେ ଖୋର୍ଦ୍ଧାର ନକଲି କାର୍ଡ ପାଇଛନ୍ତି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ନିର୍ମାଣ ଶ୍ରମିକଙ୍କୁ ନୂଆ କାର୍ଡ ବଣ୍ଟନ କରିବାକୁ ମୁଁ ଜିଲାପାଳଙ୍କୁ ଅନୁରୋଧ କରିଛି ବୋଲି କହିଛନ୍ତି । ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ନୟାଗଡ ଜିଲାରେ ବହୁ ନିର୍ମାଣ ଶ୍ରମିକ ଖୋର୍ଦ୍ଧାର ନକଲି କାର୍ଡପାଇ ଠକାମିର ଶିକାର ହୋଇଛନ୍ତି । ଏହାର ତଦନ୍ତ କରାଗଲେ ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ କାର୍ଡ ଶ୍ରମିକଙ୍କୁ ବଣ୍ଟା ଯାଇଥିବାର ପ୍ରମାଣ ମିଳିବ। ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା କୁହନ୍ତି, ଏକତାଳ ଗାଁରେ ନକଲି ଶ୍ରମିକ କାର୍ଡ ନେଇ ତଦନ୍ତ କରାଯାଇଛି । ଏ ଦିଗରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷେ ଦଶପଲ୍ଲା ଅଞ୍ଚଳରେ ନକଲି କାର୍ଡ ସମ୍ପର୍କରେ ଅବଗତ ନ ଥିଲି । ଏହାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ଉଠିବାକୁ ଜୁ ନାହିଁ, ଲୁହ ଢାଳୁଛନ୍ତି ମା'



ସନ୍ତୋଷଙ୍କୁ ଉଠାଇ ଅନ୍ୟତ୍ର ନିଆଯାଉଛି ।

**ନୟାଗଡ଼ଅଫିସ/ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ୍ ଅଧୀନ ଗୁଣ୍ଠୁଣି ଗ୍ରାମ ରଘୁନାଥ ସାହିର ସନ୍ତୋଷ ବିଶ୍ୱାଳ(୨୧) । ଗତ ୮ବର୍ଷ ହେବ ସେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି । ସନ୍ତୋଷଙ୍କ ୨ଗୋଡ ଓ ହାତ ଅଚଳ ହୋଇପଡିଛି । ସେଥିପାଇଁ ସେ ଚଲାବୁଲା କରି ପାରୁନାହାନ୍ତି । ଦିନରାତି ବିଛଣାରେ ଶୋଇ ରହିଛନ୍ତି ।

ପିଲାଟି ଦିନରୁ ବାପାଙ୍କୁ ହରାଇଥିବା ସନ୍ତୋଷ ଏବେ ମା' ଶଶୀମଣିଙ୍କ ପାଇଁ ବୋଝ ପାଲଟିଛନ୍ତି । ପର ଘରେ କାମ କରି ଶଶୀମଣି ଯାହା ରୋଜଗାର କରନ୍ତି ସେଥିରୁ ସିଂହଭାଗ ସନ୍ତୋଷଙ୍କ ଔଷଧ କିଣାରେ ଖର୍ଚ୍ଚ ହୁଏ । ବାକି ଟଙ୍କାରେ ତାଙ୍କ ତେଲଲୁଣର ସଂସାର ଚଳେ । ସେଥିପାଇଁ ଅଧିକାଂଶ ସମୟରେ ଶଶୀମଣିଙ୍କୁ ଅନ୍ୟର ହାତଟେକା ସହାୟତା ଉପରେ ନିର୍ଭର କରିବାକୁ ପଡ଼େ । ପୁଅର ଚିକିତ୍ସା ପାଇଁ ଶଶୀମଣି ବିଭିନ୍ନ ଡାକ୍ତରଖାନାକୁ ଯାଇଛନ୍ତି । ଏକାଧିକ ଡାକ୍ତରଙ୍କ ପରାମର୍ଶ ନେଇଛନ୍ତି । ଇତିମଧ୍ୟରେ ସେ ପୁଅର ଚିକିତ୍ସା ପାଇଁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ତଥାପି ସନ୍ତୋଷ ସୁସ୍ଥ ହୋଇନାହାନ୍ତି । ବରଂ ଦିନକୁଦିନ ସନ୍ତୋଷ ଅଧିକ ଗୁରୁତର ହୋଇପଡୁଛନ୍ତି। ପୁଅର ଏପରି ଅବସ୍ଥାକୁ ଦେଖି ଶଶୀମଣି ଦିନରାତି ଲୁହ ଗଡ଼ାଉଛନ୍ତି, ଭୋକ,ଶୋଷ ଭୁଲି ସେବା କରୁଛନ୍ତି ।

ଶଶୀମଣି ବିଧବା ଭତ୍ତା ପାଉଥିବା ବେଳେ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ସନ୍ତୋଷ । ହେଲେ ସେହି ଟଙ୍କା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । ଅର୍ଥାଭାବରୁ ପୁଅର ଉପଯୁକ୍ତ ଚିକିତ୍ସା ହୋଇ ପାରୁନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ଶଶୀମଣି । ରାଜ୍ୟ ସରକାର, ଜିଲା ପ୍ରଶାସନ ତଥା କେହି ସହୃଦୟ ବ୍ୟକ୍ତି ସନ୍ତୋଷଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଶଶୀମଣି ନିବେଦନ କରିଛନ୍ତି । ଗୁଣ୍ଠୁଣି ଗାଁର ପୀତବାସ ରାଉତ କୁହନ୍ତି, ସନ୍ତୋଷ ଜଣେ ମେଧାବୀ ଛାତ୍ର । ହେଲେ ଅଚିହ୍ନା ରୋଗରେ ପୀଡ଼ିତ ହେବା ପରେ ତାଙ୍କ ପାଠ ପଢାରେ ଡୋରି ବନ୍ଧା ହେଲା । ପୁଅକୁ ଭଲ କରିବା ପାଇଁ ମା' ଜମି ବିକିବା ସହ ୨ ଲକ୍ଷ ଟଙ୍କା ଧାର କରଜ କରି ସାରିଲେଣି । ଗାଁ ଲୋକେ ନିଜ ସାମର୍ଥ ମୁତାବକ ସହଯୋଗ କରୁଛନ୍ତି । ୱାଡମେମ୍ବର ନରୋତ୍ତମ ସାହୁ କୁହନ୍ତି, ସକ୍ଷମ ଯୁବକ ଅକ୍ଷମ ହୋଇଗଲେ । ଦାରିଦ୍ର୍ୟ ସଂପୃକ୍ତ ପରିବାରକୁ ଦାଉ ସାଧୁଛି । ସରକାରୀ ବେସରକାର ସହଯୋଗ ମିଳିଲେ ସନ୍ତୋଷ ନୂଆ ଜୀବନ ପାଇବେ ବୋଲି ସେ କହିଛନ୍ତି ।

# ପାଣି ପାଇଁ ବନ୍ୟଜନ୍ତୁ ଡହଳ ବିକଳ

**ମହାକାଳପଡ଼ା,୬।୩(ଡି.ଏନ.ଏ.)**



ଶୁଖିଲା ପଡ଼ିଛି ଜଙ୍ଗଲ ଜଳାଶୟ ।

- ଜଙ୍ଗଲରେ ନାହିଁ ଜଳାଶୟ
- ଅଧିକାଂଶ ଶୁଖିଲା ପଡ଼ିଛି
- ଗାଁ ମୁହାଁ ଜୀବଜନ୍ତୁଙ୍କ ଜୀବନ ନେଉଛନ୍ତି ଶିକାରୀ

ଜଙ୍ଗଲରେ ଜଳାଶୟ ନାହିଁ। ଯେଉଁ ସ୍ଥାନରେ ପାଣି ଜମି ରହୁଥିଲା ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ତାହା ଶୁଖି ଯାଇଛି । ଫଳରେ ଜଙ୍ଗଲରେ ବନ୍ୟଜନ୍ତୁମାନେ ପାଣି ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏହି କାରଣରୁ ବନ୍ୟଜନ୍ତୁମାନେ ଗାଁ ମୁହାଁ ହେଉଥିବା ନଜୀର ରହିଛି । ଗତ ୧ ସପ୍ତାହ ମଧ୍ୟରେ ୨ ହରିଣ ମହାକାଳପଡା ବ୍ଲକ ଅଧୀନ ଛଦା ଓ ତେରଗାଁ ଗାଁକୁ ପଶି ଆସିଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିବା ଘଟଣା ଜଙ୍ଗଲରେ ଜଳ ସଙ୍କଟକୁ ସ୍ପଷ୍ଟ କରିଛି ।

କେନ୍ଦ୍ରାପଡା ଜିଲା ବଟୀଘର, କଂସାରଡ଼ିଆ, ହେଟାମୁଣ୍ଡିଆ, ଭିତରଖରନାସୀ ସଂରକ୍ଷିତ ଜଙ୍ଗଲ, ଜମ୍ବୁ ଝାଉଁ ଜଙ୍ଗଲ, କଣ୍ଟିଲେ ସଂରକ୍ଷିତ ଜଙ୍ଗଲ ଓ ସୁନିତି ସଂରକ୍ଷିତ ଜଙ୍ଗଲରେ ଜଳାଶୟ ନାହିଁ। ଫଳରେ ପ୍ରାଣୀମାନେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି । ସେମାନେ ପାଖ ଗାଁକୁ ଆସି ଗାଡ଼ିଆ, ପୋଖରୀ, ଖାଲୁଆ ସ୍ଥାନରେ ଜମି ରହିଥିବା ପାଣି ପିଇ ତୃଷା ମେଣ୍ଟାଉଛନ୍ତି । ଅପରପକ୍ଷେ କେତେକ ଲୋକ ଏହି ସୁଯୋଗରେ ସେମାନଙ୍କୁ ବିଭିନ୍ନ ଉପାୟରେ ଶିକାର କରିବାକୁ ପଛାଉନାହାନ୍ତି । ଶିକାରୀମାନେ ଫାଶ,ଜାଲ ବସାଇ ବନ୍ୟପ୍ରାଣୀକୁ ଧରୁଛନ୍ତି । ଆବଶ୍ୟକ ପଡିଲେ ତୀର ମାଡ଼ ଓ ବିଦ୍ୟୁତ୍ ଫାଶରେ ପଡି ଏହି ନିରିହ ଜୀବମାନେ ମୃତ୍ୟୁ ମୁଖରେ ପଡିଥାନ୍ତି । ଶିକାରୀମାନେ ଅତି ଗୁପ୍ତଭାବେ ସେହି ପ୍ରାଣୀଙ୍କ ମାଂସକୁ ଅନ୍ୟତ୍ର ବିକ୍ରି କରିଥାନ୍ତି । ବିଶେଷ କରି ହରିଣ ,ବାରହା, ଶାଳିଆ ପତନି ,ରାମ ଶିଆଳ, କଟାସ, ହେଟା, ଜଙ୍ଗଲି ଅରଣା ମଇଁଷି ,ଜଙ୍ଗଲି ଷଣ୍ଢ ଓ ବିଭିନ୍ନ ପ୍ରଜାତିର ପକ୍ଷୀ ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଜଙ୍ଗଲରେ ଜଳାଶୟ ଖନନର ବ୍ୟବସ୍ଥା କରିବା ପାଇଁ ପରିବେଶପ୍ରେମୀମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ମହାକାଳପଡା ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳ କହିଛନ୍ତି, ଜଙ୍ଗଲର ବିଭିନ୍ନ ସ୍ଥାନରେ ଜଳାଶୟ ଖନନ ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ନିର୍ଦ୍ଦେଶ ଆସିଲେ ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ।

## ପାରାଦୀପ ବାର୍ ଆସୋସିଏଶନ୍ ଗଠିତ

**ପାରାଦୀପ,୬।୩(ସ୍ୱ.ପ୍ର.)**

ପାରାଦୀପରେ ପ୍ରଥମ ବାର୍ ଆସୋସିଏଶନ୍ ଶୁକ୍ରବାର ଗଠନ ହୋଇଛି। ଏନେଇ ଏକ ବୈଠକ ସ୍ଥାନୀୟ ହନୁମାନ ମନ୍ଦିର ନିକଟ ଜିଏସ୍‌ଟି ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ରୁ ଊର୍ଦ୍ଧ୍ୱ ଆଇନଜୀବୀ ସାମିଲ ହୋଇ ଆସୋସିଏଶନର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ନୂତନ ଗୃହ ଉଦ୍‌ଘାଟିତ

**ପାରାଦୀପ,୬।୩(ସ୍ୱ.ପ୍ର.)**

ପାରାଦୀପସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଛି । ଇଫ୍‌କୋ କମ୍ପାନୀର ସହଭାଗିତାରେ ନିର୍ମିତ ଏହି ଗୃହକୁ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ ଉଦ୍‌ଘାଟନ କରିଛନ୍ତି। କମ୍ପାନୀର ବରିଷ୍ଠ ଅଧିକାରୀ ସୁରେଶ ଗୋଏଲ୍, ଏ.କେ. ମଲ୍ ଓ ସ୍କୁଲ ଅଧକ୍ଷା ଗୀତାଞ୍ଜଳି ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## କଳା ଦିବସ ପାଳିଲେ କୃଷକ ସଙ୍ଗଠନ




କୃଷକନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**କେନ୍ଦ୍ରାପଡ଼ା ଅଫିସ, ୬।୩**

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଚାଲି ଥିବା ଚାଷୀ ଆନ୍ଦୋଳନ ଇତିମଧ୍ୟରେ ୧୦୦ ଦିନରେ ପହଞ୍ଚିଛି। ଏହି ୧୦୦ ଦିନର ପୂର୍ତ୍ତିକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର କେନ୍ଦ୍ରାପଡା କୃଷକ ସଙ୍ଗଠନ ପକ୍ଷରୁ ଶନିବାର କଳାଦିବସ ରୂପେ ପାଳନ କରାଯାଇଛି । ଏହି ଅବସରରେ ସହରର ପୁରୁଣା ବସଷ୍ଟାଣ୍ଡରେ ସଙ୍ଗଠନ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ସରକାରଙ୍କ କୃଷିନୀତିକୁ ସମାଲୋଚନା କରିଥିଲେ । କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ନୂତନ ୩ କୃଷି ଆଇନକୁ ପ୍ରତ୍ୟାହାର ପାଇଁ ଲଗାତର ଆନ୍ଦୋଳନ ଚାଲିଛି । ଏହି ଆଇନ ପ୍ରତ୍ୟାହାର ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । କୃଷକମାନେ ଆଉ ପଛକୁ ହଟିବେ ନାହିଁ । ଏହି ଅବସରରେ ଆୟୋଜିତ ବିକ୍ଷୋଭରେ କୃଷକ ନେତା ତଥା ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ରମଣୀରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ଜଗଜ୍ଜୀବନ ଦାସ, ଏଲିନା ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ ।

# ଗୋବରୀ ସହିତ ବ୍ରାହ୍ମଣୀ ନଦୀ ସଂଯୋଗୀକରଣ ଉପରେ ଗୁରୁତ୍ୱ

**ପଟ୍ଟାମୁଣ୍ଡାଇ,୬।୩(ସ୍ୱ.ପ୍ର.)**

ବ୍ରାହ୍ମଣୀ ସହିତ ଗୋବରୀ ନଦୀକୁ ସଂଯୋଗ କରିବାକୁ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତିର ସ୍ୱେଚ୍ଛାସେବୀମାନେ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିକଟରେ ଦାବି କରିଛନ୍ତି । ଏ ନେଇ କେନ୍ଦ୍ରାପଡ଼ା ଜିଲା ଆଇନ ସେବା କର୍ତ୍ତୃପକ୍ଷ (ଡିଏଲଏସଏ)ପ୍ରାଥମିକ ଅନୁଧାନ କରୁଥିବା ସୂଚନା ମିଳିଛି । ଗତ ୩ ତାରିଖରେ ପଟ୍ଟାମୁଣ୍ଡାଇ କୋର୍ଟ ପିଏଲଭି ପ୍ରଫୁଲ୍ଲ ଦାଶ, ଓ କ୍ଷୀରୋଦ କୁମାର ମଳିକ କେନ୍ଦ୍ରାପଡ଼ା ଡିଏଲଏସଏ ଉପସ୍ଥିତ ହୋଇ ମେମ୍ବର ସେକ୍ରେଟାରୀ ବିଚାରପତି ମଳୟ କୁମାର ପ୍ରଧାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ବିଚାରପତି ପ୍ରଧାନ ଏ ସମ୍ପର୍କରେ ଆବଶ୍ୟକ ମ୍ୟାପ୍,ପୋତି ହୋଇ ପଡିଥିବା ଗୋବରୀର ଗତିପଥ ଓ ବ୍ରାହ୍ମଣୀଠାରୁ ଗୋବରୀର ଦୂରତା ସମ୍ପର୍କିତ ରେକର୍ଡ ପତ୍ର ମାଗିଛନ୍ତି । ତେବେ ପଟ୍ଟାମୁଣ୍ଡାଇ କୋର୍ଟରେ ଦାଶ, ମଳିକଙ୍କ ସମେତ ଦେବାଶିଷ ପଣ୍ଡା, ଅଶୋକ କୁମାର ବଳ ପ୍ରମୁଖ ଆସନ୍ତା ମଙ୍ଗଳବାର ମଧ୍ୟରେ ବିଚାରପତି ପ୍ରଧାନଙ୍କ ନିକଟରେ ରେକର୍ଡ ପତ୍ର ଦାଖଲ କରିବାକୁ କୁହାଯାଇଛି।

# ୧୫୨ ବର୍ଷର ପୌରାଞ୍ଚଳ ପ୍ରତି ଅବହେଳା




- ମଧୁସାଗରରେ ଜଳ ପ୍ରବାହ ବନ୍ଦ
- ସୁରକ୍ଷିତ ନୁହେଁ ଐତିହ୍ୟସ୍ଥଳୀ
- ଗୋବରୀ ନଦୀ ଅଳିଆ ଆବର୍ଜନାରେ ପୂର୍ଣ୍ଣ
- ୪ ବର୍ଷ ଧରି ହୋଇନାହିଁ ପୌର ନିର୍ବାଚନ

**ଜଗନ୍ନାଥ ଧଳ**
**କେନ୍ଦ୍ରାପଡ଼ା ଅଫିସ, ୬।୩**



ଗୋବରୀ କେନାଲ ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଛି ।

ଆସନ୍ତା ୧୦ ତାରିଖରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଘୋଷଣାକୁ ୧୫୨ ବର୍ଷ ପୂରଣ ହେବ । ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଗତ ୪ ବର୍ଷ ପୂର୍ବେ ଶେଷ ହୋଇଥିଲେ ମଧ୍ୟ ଏଠାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ୱାର୍ଡ ସଂପ୍ରସାରଣ ଓ ସଂରକ୍ଷଣ ତାଲିକାକୁ ନେଇ ଚାଲିଥିବା ମାମଲା ଯୋଗୁ ନିର୍ବାଚନ ସ୍ଥଗିତ ରହିଛି । ଫଳରେ ଏହାର ଶାସନ ବ୍ୟବସ୍ଥା ପ୍ରଶାସନିକ ଅଧିକାରୀଙ୍କ ହାତକୁ ଯାଇଛି ।

୬୮ ପ୍ରତିଶତ ଶ୍ରମିକ ରହୁଥିବା ଏହି ପୌରାଞ୍ଚଳରେ ବିଭିନ୍ନ ସମସ୍ୟା ରହିଛି । ଜନସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି । କେନ୍ଦ୍ରାପଡ଼ା ପୌରାଞ୍ଚଳକୁ ଏକ ସ୍ୱତନ୍ତ୍ର ଜିଲା ପାହ୍ୟା ପରି ମାନ୍ୟତା ମିଳିଥିଲେ ମଧ୍ୟ ଅଧିକାଂଶ ଲୋକ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ସେହିପରି ସହରରେ ଥିବା ବିଭିନ୍ନ ଐତିହ୍ୟସ୍ଥଳୀର ରକ୍ଷଣାବେକ୍ଷଣ ହେଉନାହିଁ। ପୌରାଞ୍ଚଳ ଦେଇ ପ୍ରବାହିତ ମଧୁସାଗରର ପାଣି ଜନଜୀବନକୁ ବଞ୍ଚାଇ ରଖିଥିଲା । ଇତିମଧ୍ୟରେ ମଧୁସାଗରରେ ଜଳ ପ୍ରବାହ ବନ୍ଦ ହୋଇଛି । ତା'ର ପାଣି ନିଷ୍କାସନ ପଥରେ ବାସଗୃହ ନିର୍ମାଣ ହେଉଛି। ସହରରେ ଥିବା ଗୋବରୀ ନଦୀ ଓ କେନାଲ ଏବେ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ପରିବେଶ ଦୂଷିତ କରିଛି । ସେହିପରି ମଧୁସାଗରର କେତେକ ଅଂଶ ଅଳିଆ ଓ ଦଳଭର୍ତ୍ତି ହୋଇ ମଶାମାଛିଙ୍କ ଅନ୍ତୁଡ଼ିଶାଳ ପାଲଟିଛି । ରାସ୍ତା ଜବରଦଖଲରେ ଥିବାରୁ ସ୍ୱରେଜ ବ୍ୟବସ୍ଥା ପ୍ରତି ଅଣଦେଖା କରାଯାଉଛି । ବିଜୁ ପଟ୍ଟନାୟକ ପାର୍କ ବଣବୁଦାରେ ପରିଣତ ହୋଇଛି । ଟ୍ରାଫିକ ସମସ୍ୟା ଗୁରୁତର ରୂପ ନେଇଛି । ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ, ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫରମର, ବୁଲା ଗୋରୁ, ଭେଣ୍ଡିଂଜୋନ ସହିତ ପୌରବାସୀ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି । ସହରର ପରିକଳ୍ପନାରେ ସାଂସ୍କୃତିକ ଓ ଐତିହ୍ୟ ବିଭବକୁ ଗୁରୁତ୍ୱ ଦିଆଯାଇଥାଏ । ହେଲେ ଏହି ପୌରସଂସ୍ଥା ସେଥିପ୍ରତି ଅବହେଳା କରୁଥିବା ଅଭିଯୋଗ ହୋଇଛି । ରାଜ୍ୟ ପର୍ଯ୍ୟଟନସ୍ଥଳୀ ଶ୍ରୀ ବଳଦେବଜୀଉ ମନ୍ଦିର, ସୂର୍ଯ୍ୟଘଡି ସହିତ ଓଡ଼ିଶାର ବରପୁତ୍ର ଫକୀର ମୋହନ ସେନାପତିଙ୍କ ଛ' ମାଣ ଆଠ ଗୁଣ୍ଠ ପୁସ୍ତକ ରଚନାସ୍ଥଳ ଡାଇମଣ୍ଡ ଜୁବୁଲି ପାଠାଗାର ଅବହେଳାର ଶିକାର ହୋଇଛି । ସହରରେ ଗୋଟିଏ ମଧ୍ୟ ଶିଳ୍ପ ସଂସ୍ଥା ନାହିଁ । ସ୍ୱାୟତ୍ତ ଶାସନ କେବଳ ଏକ ପ୍ରହସନ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଛି ।

### ୧୪ ପଡ଼ାକୁ ନେଇ ଆରମ୍ଭ

୧୮୮୫ ମେ ୧୮ରେ ବ୍ରିଟିଶ ଶାସକ ଲର୍ଡ ରିପନ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଆଣିଥିଲେ । ମାତ୍ର ଏହାପୂର୍ବରୁ ୧୮୬୯ରେ ଲର୍ଡ ମାୟୋଙ୍କ ଶାସନ ସମୟରେ କଲିକତା, ଓଡ଼ିଶା ଓ ବିହାର ପ୍ରେସିଡେନ୍ସି ମଧ୍ୟରେ ଥିବା କେନ୍ଦ୍ରାପଡ଼ା ପୌରସଂସ୍ଥା ଜନ୍ମ ନେଇଥିଲା । ମାତ୍ର ୧୪ ପଡ଼ାକୁ ନେଇ ଏହି ପୌରାଞ୍ଚଳ ଗଠିତ ହୋଇଥିଲା; ଯାହା ଓଡ଼ିଶାର ପ୍ରଥମ ପୌରାଞ୍ଚଳର ମାନ୍ୟତା ପାଇଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳରେ ସହରୀକରଣ ବ୍ୟବସ୍ଥା ଆରମ୍ଭ ହେଲା । ତତ୍କାଳୀନ ଇଂରେଜ ସରକାର ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଟ୍ୟାକ୍ସ ଆଦାୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଉନ୍ନୟନ ବ୍ୟବସ୍ଥା କରିଥିଲେ ।

### ଜନସଂଖ୍ୟା ୬୦ହଜାର

ପ୍ରାୟ ୧୧ ବର୍ଗ କିଲୋମିଟର ଅଞ୍ଚଳରେ ଥିବା ଏହି ପୌରାଞ୍ଚଳ ୨୧ ୱାର୍ଡ ନେଇ ଗଠିତ । ୨୦୧୧ ଜନଗଣନା ଅନୁଯାୟୀ ପୌରାଞ୍ଚଳର ଜନସଂଖ୍ୟା ୪୭ ହଜାର ଥିବା ବେଳେ ୨୦୨୦ ସୁଦ୍ଧା ଏହି ସଂଖ୍ୟା ୬୦ ହଜାର ଟପିଛି । ସରକାରୀ ତଥ୍ୟ ଅନୁଯାୟୀ ଜନସଂଖ୍ୟାର ୬୭.୯୭ ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ ବସବାସ କରୁଥିବା ବେଳେ ମୁସଲମାନ ସଂପ୍ରଦାୟ ୩୧.୬୩ ପ୍ରତିଶତ ଓ ଅନ୍ୟାନ୍ୟ ୦.୪ ପ୍ରତିଶତ ଲୋକେ ରହୁଛନ୍ତି । ପୌରାଞ୍ଚଳବାସୀଙ୍କ ମଧ୍ୟରୁ ମାତ୍ର ୩୧.୭ ପ୍ରତିଶତ କର୍ମ ସଂସ୍ଥାନରେ ନିୟୋଜିତ ଥିବା ବେଳେ ଅବଶିଷ୍ଟ ଗରିବ ସୀମାରେଖା ତଳେ ଅଛନ୍ତି। କର୍ମଜୀବୀ ମହିଳାଙ୍କ ସଂଖ୍ୟା ମାତ୍ର ୮.୯ ପ୍ରତିଶତ ଥିବା ଏହି ତଥ୍ୟରୁ ଜଣାପଡିଛି ।

## ଜଙ୍ଗଲ ନିଆଁକୁ ନେଇ ଚିନ୍ତା

**ଦଶପଲ୍ଲା,୬।୩(ଡି.ଏନ.ଏ.)**

ଦଶପଲ୍ଲା ନିକଟରେ ଶତାଧିକ ହେକ୍ଟର ଜଙ୍ଗଲ ରହିଛି । ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଲେ ଗଛରୁ ପତ୍ର ଝଡେ । ଏହାର ସୁଯୋଗ ନେଇ କେତେଜଣ ଅସାମାଜିକ ବ୍ୟକ୍ତି ସେଥିରେ ନିଆଁ ଲଗାଇ ଦିଅନ୍ତି । ଫଳରେ ବହୁ ମୂଲ୍ୟବାନ ଗଛ ଓ କାଠ ପୋଡି ପାଉଁଶ ହୁଏ । ବନ୍ୟଜନ୍ତୁମାନେ ପ୍ରାଣ ହରାଇଥାନ୍ତି । ମହୁଲ ଗୋଟାଇବା ଏବଂ ପୋଡୁ ଚାଷ ପାଇଁ ବି ଜଙ୍ଗଲରେ ନିଆଁ ଲଗାଇ ଦିଆଯାଇଥାଏ । ହେଲେ ଏହାକୁ ସ୍ଥାନୀୟ ବ୍ୟକ୍ତିମାନେ ବିରୋଧ କରିଛନ୍ତି । ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ପରିବେଶ ଧୂଆଁମୟ ହୋଇଯାଏ । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଲୋକେ କଷ୍ଟ ଅନୁଭବ କରନ୍ତି । ବିଶେଷ କରି ଶ୍ୱାସ ଓ ଟିବି ରୋଗୀମାନେ ଅଧିକ ସଂକ୍ରମିତ ହୋଇଥାନ୍ତି। ଏଥିପାଇଁ ସମସ୍ତେ ସଚେତନ ହେବା ଉଚିତ୍ ବୋଲି ଶନିବାର ନୂଆଗାଁ ପଞ୍ଚାୟତରେ ଅନୁଷ୍ଠିତ ସଭାରେ ମତ ପ୍ରକାଶ ପାଇଛି । ଏହି ସଭାରେ ପୂର୍ବତନ ଫରେଷ୍ଟର ପ୍ରଫୁଲ୍ଲ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଦଳବେହେରା, ସାମାଜିକ କର୍ମୀ ବିଭୀଷଣ ମଳିକ, ମା' ବନଦୁର୍ଗା ଯୁବପରିଷଦର ସମ୍ପାଦକ ବାପିନା ନାୟକ, ସଭାପତି ବାବୁଲା ମାଝି, ଡମ୍ବରୁଧର ସାହୁ, ସଞ୍ଜୀବ ନାୟକ, ଭଗବାନ ଭୋଇ ପ୍ରମୁଖ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଜନସଚେତନତା ସୃଷ୍ଟି କରିଛନ୍ତି ।

